
ଜବାହରଚୌକ ପୂଜା ପ୍ରତିଷ୍ଠାନ

## ଆଧାତ୍ମିକ ବାତାବରଣ ସୃଷ୍ଟି କରୁଛି



"୧୯୪୪ରୁ ଜବାହରଚୌକ ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ଆରମ୍ଭ ହୋଇଛି। ପୌରାଣିକ କଥାବସ୍ତୁ ଏବଂ ସାମାଜିକ ଜୀବନର ଚିତ୍ରକୁ ପ୍ରତିଫଳନ କରିବା ଭଳି ମୂର୍ତ୍ତି ନିର୍ମାଣ କରାଯାଉଛି, ଯାହା ପୂଜାରେ ଆଧାତ୍ମିକ ବାତାବରଣ ସୃଷ୍ଟି କରୁଛି।

-ନବୀନଚନ୍ଦ୍ର ନାରାୟଣ ଦାସ,
ସଭାପତି, ଜବାହର ଚୌକ ପୂଜା କମିଟି

## ସଚେତନ ହେଉଛନ୍ତି ଭବିଷ୍ୟତ ପିଢ଼ି



"ଭବିଷ୍ୟତ ପିଢ଼ିଙ୍କୁ ପ୍ରାଚୀନ ସଂସ୍କୃତି, ପରମ୍ପରା, ପୌରାଣିକ ଆଖ୍ୟାନ ବିଷୟରେ ସଚେତନ କରିବାକୁ ସବୁବର୍ଷ ଉଦ୍ୟମ କରାଯାଉଛି। ୨ବର୍ଷ ପରେ ଅତି ଆଡମ୍ବର ସହକାରେ ପୂଜା ହେଉଥିବାରୁ ପ୍ରବଳ ଭିଡ଼ ଜମୁଛି।

-ସୁଧାଂଶୁ କୁମାର ଦଳେଇ,
ସମ୍ପାଦକ, ଜବାହର ଚୌକ ପୂଜା କମିଟି

## ମନମୋହୁଛି ସାଜସଜ୍ଜା



"ଭାଇଚାରା, ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ପାଇଁ ଢେଙ୍କାନାଳ ଲକ୍ଷ୍ମୀପୂଜା ପ୍ରସିଦ୍ଧ। ଯୁଗ ଯେତେ ଡିଜିଟାଲ ହେଲେ ବି ବିଭିନ୍ନ ବଜାର ପକ୍ଷରୁ ପୌରାଣିକ ଓ ସାମାଜିକ କଥାବସ୍ତୁ ଆଧାରରେ ପଣ୍ଡପରେ ସାଜସଜ୍ଜା କରାଯାଇଛି, ଯାହା ମନମୋହୁଛି।

-ଅବନୀ ମିଶ୍ର,
ଉପସଭାପତି , ରାଜ୍ୟ ଲୋକକଳା ସଂଘ


ମହାବୀର ବଜାର ପୂଜା ପ୍ରତିଷ୍ଠାନ


କଲେଜ ବଜାର ପୂଜା ପ୍ରତିଷ୍ଠାନ



ଢେଙ୍କାନାଳ ମହିଷାପାଟ ପଡ଼ିଆରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# କମନୀୟ କଳାକୁଞ୍ଜ

- ଗଣପର୍ବ ପ୍ରସିଦ୍ଧ ଲକ୍ଷ୍ମୀପୂଜା ସାଜିଛି କଳାସଂସ୍କୃତିର ବାହକ
- ମନମୋହୁଛି ପୌରାଣିକ କଥାବସ୍ତୁ ଆଧାରିତ ସାଜସଜ୍ଜା
- ଡିଜିଟାଲ ଯୁଗରେ କମିନାହିଁ ପ୍ରାଚୀନ ପରମ୍ପରାର ଆଦର

(ରତନ ନାୟାର)
ଢେଙ୍କାନାଳ ଅଫିସ, ୧୧।୧୦

ଭାଇଚାରା ଏବଂ ପରମ୍ପରାକୁ ନେଇ ସମୃଦ୍ଧ ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜାରେ ଅନ୍ୟତମ ଆକର୍ଷଣ ସାଜିଛି କଳାକୁଞ୍ଜ ଏବଂ ବିଭିନ୍ନ ମୁଦ୍ରାରେ ବିରାଜମାନ କରିଥିବା ଦେବଦେବୀଙ୍କ ମୃଣ୍ମୟୀ ପ୍ରତିମା। କିମିଆ କରୁଛି ପୌରାଣିକ କଥାବସ୍ତୁ ଆଧାରରେ ପେଣ୍ଡାଲରେ ହୋଇଥିବା ଚିତ୍ତାକର୍ଷକ ସାଜସଜ୍ଜା। ୮୦ ବର୍ଷ ପୁରାତନ ଲକ୍ଷ୍ମୀପୂଜା ପାଇଁ ସାରା ନଗର ନବବଧୂ ଭଳି ସଜେଇ ହୋଇଥିବାବେଳେ ମା'ଙ୍କ ସନ୍ଧ୍ୟାଦର୍ଶନ ପାଇଁ ଜମୁଛି ଅସମ୍ଭାଳ ଭିଡ଼।

ଏବେ ଡିଜିଟାଲ୍ ଯୁଗ। ଅଙ୍ଗୁଳି ଟିପରେ ସାରା ବିଶ୍ୱ। କ୍ଷଣିକ ମଧ୍ୟରେ ମିଳିଯାଉଛି ଯାବତୀୟ ସୂଚନା। ସମସ୍ତଙ୍କୁ ଘାରିଛି ମୋବାଇଲ ଭଳି ସହଜଲଭ୍ୟ ଉପକରଣର ମାୟା। ବୈଷୟିକ ଜ୍ଞାନକୌଶଳର ଏଭଳି ଦୌଡ଼ରେ ପ୍ରାଚୀନ ସଂସ୍କୃତି ଓ ପରମ୍ପରା ଖାପଛଡ଼ା ହୋଇଯାଉଥିବାବେଳେ ଢେଙ୍କାନାଳର ଗଣପର୍ବରେ ଉଜ୍ଜୀବିତ ହୋଇଛି ସନାତନ ଧର୍ମର ସମୃଦ୍ଧ ପୌରାଣିକ ଇତିହାସ।

ମନମୋହୁଛି ପୌରାଣିକ କଥାବସ୍ତୁ ଆଧାରିତ କମନୀୟ କଳାକୁଞ୍ଜ, ମୃଣ୍ମୟୀ ପ୍ରତିମା। ପରପିଢ଼ି ପାଖରେ ପହଞ୍ଚୁଛି ଗୌରବମୟ ସଂସ୍କୃତିର ଗାଥା। ଗଣପର୍ବ ଲକ୍ଷ୍ମୀପୂଜା ସମୃଦ୍ଧ ଇତିହାସର ବାହକ ସାଜିଥିବାବେଳେ ଡିଜିଟାଲ ଯୁଗରେ ଉଜ୍ଜୀବିତ ହୋଇଛି ପ୍ରାଚୀନ ପରମ୍ପରା।

ସହରର ଦ୍ୱିତୀୟ ମେଢ଼ ତଥା ୭୮ବର୍ଷ ପୁରାତନ ଜବାହରଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ପେଣ୍ଡାଲରେ ହୋଇଛି ନିଆରା ଢଙ୍ଗରେ ସାଜସଜ୍ଜା। ଏଠାରେ ଅନନ୍ତ ନାଗ ଉପରେ ବିରାଜମାନ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀଜୀଉଙ୍କ ଡାହାଣପାର୍ଶ୍ୱରେ ବସିବା ମୁଦ୍ରାରେ ଶୋଭା ପାଉଛନ୍ତି ଲକ୍ଷ୍ମୀ ଠାକୁରାଣୀ। ଠାକୁରଙ୍କ ବାମପାର୍ଶ୍ୱରେ ମା'ଙ୍କ ବାହନ ପେଚା ଶୋଭାବର୍ଦ୍ଧନ କରୁଛି। ରୁପା କିରୀଟ, ସୁବର୍ଣ୍ଣ ଅଳଙ୍କାରରେ ଦେବୀ ଝଟକୁଛନ୍ତି। ଠାକୁରଙ୍କ ପଛପାର୍ଶ୍ୱରେ ଫେନିଳ ସମୁଦ୍ରକୁ ଚିତ୍ରିତ କରାଯାଇଛି। ପୌରାଣିକ କଥାବସ୍ତୁ ଆଧାରିତ ଏଭଳି ସାଜସଜ୍ଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସୃଷ୍ଟି ହୋଇଛି ବିପୁଳ ଉତ୍କଣ୍ଠା। ସେହିପରି ମହାବୀର ବଜାର ପ୍ରତିଷ୍ଠାନ ମଣ୍ଡପରେ ମା' ଗଜଲକ୍ଷ୍ମୀ ଅଭୟମୁଦ୍ରାରେ ଛିଡ଼ା ହୋଇଛନ୍ତି। ମା'ଙ୍କ ସମ୍ମୁଖରେ ଦୁଇଟି ଧବଳ ହସ୍ତୀ ଶୋଭା ବଢ଼ାଉଥିବାବେଳେ ପଛପଟେ ଚିତ୍ରିତ କରାଯାଇଛି ଶ୍ରୀମନ୍ଦିରର ପ୍ରତିରୂପ। କୋଟି ଓଡ଼ିଆଙ୍କ ପ୍ରାଣର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର ସହ ଲକ୍ଷ୍ମୀ ଠାକୁରାଣୀଙ୍କ ନିଗୂଢ଼ ସମ୍ପର୍କକୁ ସ୍ଥାନିତ କରିବାକୁ ପୂଜା ପ୍ରତିଷ୍ଠାନ ପକ୍ଷରୁ ଯେଉଁ ଉଦ୍ୟମ କରାଯାଇଛି, ତାହାକୁ ସବୁ ମହଲରେ ପ୍ରଶଂସା କରାଯାଇଛି।





ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହର ଉପସ୍ଥିତ ଅତିଥିବୃନ୍ଦ।

## 'ଢେଙ୍କାନାଳର କଳାସଂସ୍କୃତି ଅନନ୍ୟ'

**ଲକ୍ଷ୍ମୀବଜାର ପ୍ଲାଟିନମ୍ ଜୁବିଲି ଦ୍ୱିତୀୟ ସନ୍ଧ୍ୟା**

**ଢେଙ୍କାନାଳ ଅଫିସ, ୧୧।୧୦:** ଢେଙ୍କାନାଳ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ପ୍ଲାଟିନମ୍ ଜୁବିଲି ସମାରୋହର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ କହିଲେ, କଳାସଂସ୍କୃତି, ଭାଇଚାରା ଓ ପରମ୍ପରାରେ ଢେଙ୍କାନାଳ ପରିଚୟ ଅନନ୍ୟ। ସ୍ୱାଧୀନତା ସଂଗ୍ରାମରେ ଶହୀଦ ବାଜି ରାଉତଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଏହି ମାଟିକୁ ଗୌରବାନ୍ୱିତ କରିଛି। ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜାର ମଧ ସ୍ୱତନ୍ତ୍ରତା ରହିଛି, ଯେଉଁଠି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଥାଆନ୍ତି ବୋଲି ସେ ନିଜ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୨ବର୍ଷ ହେଲା କରୋନା ପାଇଁ ପୂଜା ଫିକା ପଡ଼ିଥିଲା। ଚଳିତବର୍ଷ ଆରମ୍ଭରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିବା ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଅର୍ଗସ ଟିଭିର ମୁଖ୍ୟ କାର୍ଯ୍ୟନିର୍ବାହୀ ଦୁର୍ଗାଶିଷ ବେହେରା କହିଲେ, ଢେଙ୍କାନାଳ ସହରର ଭାଇଚାରା ଓ ପରମ୍ପରା ସମଗ୍ର ରାଜ୍ୟରେ ନିଆରା। ଏହି ମାଟିରେ ଜନ୍ମନେଇଥିବାରୁ ସେ ଗର୍ବିତ। ଢେଙ୍କାନାଳର ଉନ୍ନତି ପାଇଁ ତାଙ୍କ ଦ୍ୱାରା ଯାହା କିଛି ସମ୍ଭବ ସେ କରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମିଳିତବଜାର ପୂଜା କମିଟି ସଭାପତି ଗୋପାଳଚନ୍ଦ୍ର ପାତ୍ର ଯୋଗଦେଇ ପୂଜାର ଐତିହ୍ୟ ଏବଂ ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ରବିନାରାୟଣ ବେହେରା ବିବରଣୀ ପାଠ କରିଥିଲେ। ଅନ୍ୟତମ ସମ୍ପାଦକ ମାୟାଧର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଭାକର ବେହେରା ଲକ୍ଷ୍ମୀବଜାର ପୂଜା କମିଟି ପକ୍ଷରୁ ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପଦ୍ମଭୂଷଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।












**ଗଛରୁ ପଡ଼ି ଜଣେ ଗୁରୁତର**

**କାମାକ୍ଷାନଗର, (ଡି.ଏନ୍.ଏ.):** କେନ୍ଦୁଝର ଜିଲା ତେଲକୋଇ ଥାନା ଗବଗୋଡ଼ା ଗ୍ରାମର ଜଣେ ବ୍ୟକ୍ତି ମଙ୍ଗଳବାର ଗଛରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ଇନ୍ଦ୍ରମଣି ଜେନା (୪୮)। ଘର ପାଖରେ ଏକ ଗଛରେ ଚଢ଼ିଥିବାବେଳେ ଏହି ଅଘଟଣ ଘଟିଥିଲା। ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**କାମାକ୍ଷାନଗର, ୧୧।୧୦(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ଅଧୀନ ବାଲିଗୋରଡ ପଞ୍ଚାୟତର ଖଟଖୁରା ଗ୍ରାମରେ ସୋମବାର ରାତିରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୈକୁଣ୍ଠ ଦେହୁରୀଙ୍କ ପୁଅ ବୁଲାରି (୪୫)। ବିଳମ୍ବିତ ରାତିରେ ବୁଲାରିଙ୍କ ଗୋଡ଼କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଲାରିଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିପୁଳ ମଦ, ପୋଚ ଜବତ

**ପରଜଙ୍ଗ, ୧୧।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ପରଜଙ୍ଗ ବ୍ଲକ ଘାଘରାମୁଣ୍ଡା ସାହୁ ଢାବାରୁ ୨୬ ଲିଟର ବିଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତ ମହରଗା ସାହୁ ଗିରଫ ହୋଇଛନ୍ତି। ସେହିପରି ଆମ୍ବପଳାସ ଓ ହାତୀନାବେଢ଼ା ଅଞ୍ଚଳରେ ଚଢ଼ାଉ କରି ୯,୫୦୦ ଲିଟର ମହୁଲ ପୋଚ, ୨୫୦ ଲିଟର ମହୁଲି ମଦ ଜବତ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ଭୁବନ, କାମାକ୍ଷାନଗର, ପରଜଙ୍ଗ, ଗଁଦିଆ ଅବକାରୀ ବିଭାଗ କର୍ମଚାରୀ ଓ ଫ୍ଲାଇଂ ସ୍କ୍ୱାଡ୍ ସାମିଲ ହୋଇଥିଲେ।

### ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନ, ୧୧।୧୦(ଡି.ଏନ.ଏ):** ଶହୀଦ ବାଜି ରାଉତଙ୍କ ପୁଣ୍ୟତିଥି ଉପଲକ୍ଷେ ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ବିଜେଡି ପକ୍ଷରୁ ବାଜି ରାଉତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ମହେଶ ସାହୁ, ଏନ୍ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଉପାଧ୍ୟକ୍ଷା ମାମିନା ସାହୁ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସଞ୍ଜୀବ ପୃଷ୍ଟି, ଜିଲା ଛାତ୍ର ବିଜେଡି ଯୁଗ୍ମ ସମ୍ପାଦକ ପିଣ୍ଟୁ ଦାସ, ଯୁବ ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ ପୃଷ୍ଟି, ସାଧାରଣ ସମ୍ପାଦକ ବିଶ୍ୱଜିତ୍ ବାରିକ, ଯୁବ ସମ୍ପାଦକ ଶ୍ରୀକାନ୍ତ ସାହୁ, ଛାତ୍ର ଯୁଗ୍ମ ସମ୍ପାଦକ ଜିତୁ ଦାସ, ଏନ୍ଏସି ବିଜେଡି ଯୁବ ସଭାପତି ସନ୍ଦୀପ ପୃଷ୍ଟି, ଅଜୟ ସେଠୀ, ନରେନ୍ଦ୍ର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, କର୍ମୀ ଉପସ୍ଥିତ ଥିଲେ। ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରକ୍ତଭଣ୍ଡାରର ଡା. ଜୟନାରାୟଣ ପାଢ଼ୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରୋହିତ ଦାସ, ପ୍ରକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ‘ବାଜିଙ୍କ ବଳିଦାନ ଅତୁଳନୀୟ’

## ପୁଣ୍ୟତିଥିରେ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ/ ଭୁବନ(ଡି.ଏନ.ଏ),୧୧।୧୦**


ବାଜି ରାଉତଙ୍କ ପୁଣ୍ୟତିଥିରେ ନୀଳକଣ୍ଠପୁରସ୍ଥିତ ଶହୀଦ ସ୍ମୃତିପୀଠରେ ମନ୍ତ୍ରୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ନୀଳକଣ୍ଠପୁରସ୍ଥିତ ବାଜି ରାଉତ ସ୍ମୃତିପୀଠରେ ମଙ୍ଗଳବାର ଅମର ଶହୀଦ ବୀର ବାଜିଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଜିଲା ପ୍ରଶାସନ, ବାଜି ରାଉତ ସ୍ମୃତି ପରିଷଦ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ବ୍ରାହ୍ମଣୀ ନଦୀ ତଟରେ ତିଳତର୍ପଣ କରି କହିଲେ, ୧୨ବର୍ଷର ବାଳକ ବାଜି ଦେଶ ପାଇଁ ପ୍ରାଣବଳି ଦେଇ ମହାନ୍ ହୋଇଛନ୍ତି। ତାଙ୍କର ବଳିଦାନ ଓ ତ୍ୟାଗପୂତ ଜୀବନରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନୀଳକଣ୍ଠପୁର ସମେତ ସମଗ୍ର ଭୁବନ ଅଞ୍ଚଳର ବିକାଶ ପାଇଁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ସବୁସ୍ତରରୁ ସହଯୋଗ ମିଳିଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ଏହି ଅବସରରେ କହିଥିଲେ।

ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଡିଓ ସୌରଭ କୁମାର ଦାଶ, ତହସିଲଦାର ରୋଜାଲିନ ବେହେରା, ମହୁଲପାଳ ସରପଞ୍ଚ ଲିପ୍ସା ରାଉତ ପ୍ରମୁଖ ବାଜି ରାଉତଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ବାଜି ରାଉତଙ୍କ ଦାୟାଦ ନଟ ରାଉତଙ୍କ ସମେତ ଶହୀଦ ହୁରୁଷୀ ପ୍ରଧାନ, ଲକ୍ଷ୍ମଣ ମଳିକ, ନଟ ମଳିକ, ପାଣ୍ଡୁ ଲେଙ୍କା, ଫଗୁ ସାହୁଙ୍କ ସମ୍ପର୍କୀୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଜି ରାଉତ ସ୍ମୃତି ପରିଷଦ ସଭାପତି କୃଷ୍ଣଚନ୍ଦ୍ର ଆଏଚ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସେହିପରି ସକାଳେ ଢେଙ୍କାନାଳ ବାଜିଚୌକସ୍ଥିତ ଶହୀଦ ମିନାର ନିକଟ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଏମ୍‌ପି ମହେଶ ସାହୁ, ଜିଲାପାଳ ସରୋଜ କୁମାର ସେଠୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଶହୀଦଙ୍କ ଗାଁଙ୍କୁ ମିଳୁନି ସମ୍ମାନ

## ମନ୍ତ୍ରୀଙ୍କୁ କ୍ଷୋଭ ଜଣାଇଲେ ଅଞ୍ଚଳବାସୀ

**ଭୁବନ, ୧୧।୧୦(ଡି.ଏନ.ଏ.)**

ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଗାଁ ନୀଳକଣ୍ଠପୁର ପ୍ରଶାସନିକ ଅବହେଳାର ଶିକାର ହୋଇଛି। ସାରା ଭାରତରେ ବାଜିଙ୍କୁ ସମ୍ମାନ ମିଳୁଥିବାବେଳେ ତାଙ୍କ ପୈତୃକ ଗ୍ରାମକୁ ଭଲଟିଏ ରାସ୍ତା ନାହିଁ। ଚାଷୀମାନେ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହୋଇରହିଛନ୍ତି। ଶହୀଦଙ୍କ ଗ୍ରାମର ବିକାଶ ଯେଉଁଭଳି ହେବା କଥା, ତାହା ହେଉନାହିଁ ବୋଲି ବାଜି ରାଉତଙ୍କ ପୁଣ୍ୟତିଥିରେ ଯୋଗଦେଇଥିବା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଅଭିଯୋଗର ଲମ୍ବା ତାଲିକା ଧରାଇଛନ୍ତି ଅଞ୍ଚଳବାସୀ। ପାଣ୍ଡରା ନାଳ ଅଞ୍ଚଳବାସୀଙ୍କ ଦୁଃଖ ପାଲଟିଛି। ବର୍ଷା ହେଲେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି। ଉକ୍ତ ନାଳ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ଦୀର୍ଘଦିନରୁ ଦାବି ହେଉଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ। ରେଙ୍ଗାଳି କେନାଲରୁ ପାଣି ଚାଷ ମାଡ଼ୁ ନ ଥିବାରୁ ଜମି ପଡ଼ିଆ ପଡୁଛି। ଏସବୁସମସ୍ୟାର ସମାଧାନ ନ ହେଲେ ଚାଷୀ ଆତ୍ମାହୁତି ଦେବେ ଏବଂ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ସମସ୍ୟାର ସମାଧାନ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବାଜି ରାଉତଙ୍କ ସମ୍ମାନ ଉଦ୍ଦେଶ୍ୟରେ ଜିଲା ଦେଇ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ ସଡ଼କ ଏବଂ ଉନ୍ନୟନ ପ୍ରକଳ୍ପକୁ ତାଙ୍କ ନାମରେ ନାମିତ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ୧୩ରେ କାମାକ୍ଷାନଗର ବନ୍ଦ ଡାକରା


ବୈଠକରେ ଓକିଲ ସଂଘର କାର୍ଯ୍ୟକର୍ତ୍ତାବୃନ୍ଦ।

## ଅସାମାଜିକଙ୍କ ଦୌରାତ୍ମ୍ୟ, ପୋଲିସ ନିଷ୍କ୍ରିୟତାର ପ୍ରତିବାଦ

**କାମାକ୍ଷାନଗର, ୧୧।୧୦(ଡି.ଏନ୍.ଏ.):** ଅଞ୍ଚଳରେ ବୃଦ୍ଧି ପାଉଥିବା ଅସାମାଜିକଙ୍କ ଦୌରାତ୍ମ୍ୟ, ନିଶା ବ୍ୟବସାୟ ବୃଦ୍ଧି ଏବଂ ପୋଲିସ ନିଷ୍କ୍ରିୟତାର ପ୍ରତିବାଦରେ ଆସନ୍ତା ୧୩ ତାରିଖରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଓକିଲ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ଏ ନେଇ ମଙ୍ଗଳବାର ଅନୁଷ୍ଠିତ ଏକ ବୈଠକରେ ସୂଚନା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖରେ ଆଇନଜୀବୀ ଶଶଧର ମହାନ୍ତି, ଭୁବନ ଓକିଲ ସଂଘର ସମ୍ପାଦକ ପ୍ରହ୍ଲାଦ ସାହୁ, ଭୁବନ କୋର୍ଟର ୨ କର୍ମଚାରୀ ଏକ ହୋଟେଲକୁ ରାତ୍ରିଭୋଜନ କରିବାକୁ ଯାଇଥିବା ସମୟରେ କାମାକ୍ଷାନଗର କେତେଜଣ ଯୁବକ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଶଶଧର ଗୁରୁତର ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଥିଲେ। ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶଶଧରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରହ୍ଲାଦଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ. ୩୭୯/୨୨ରେ ମାମଲା ରୁଜୁ କରାଯାଇଥିଲା। ତେବେ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଥାନାକୁ ପାଲଟା ଅଭିଯୋଗ କରିବାକୁ ଆସିଥିବାବେଳେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଘଟଣାକୁ ପ୍ରାୟ ଦୁଇସପ୍ତାହ ବିତିଯାଇଥିବାବେଳେ ଆକ୍ରମଣରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛନ୍ତି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଓକିଲ ସଂଘ। ଏହାର ପ୍ରତିବାଦରେ ୧୩ ତାରିଖରେ କାମାକ୍ଷାନଗର ଓକିଲ ସଂଘ ପକ୍ଷରୁ ସହରରେ ବନ୍ଦ ଡାକରା ଦିଆଯାଇଥିବାବେଳେ ଜିଲାର ସମସ୍ତ ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରାର ଆୟୋଜନ କରାଯାଇ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ କାମାକ୍ଷାନଗର ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ପବିତ୍ର ବିଶ୍ୱାଳ, ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଶେଷରଞ୍ଜନ ଦାସ, ଦେବୀଦତ୍ତ ସାମଲ, ଅଶୋକ ଲକ୍ଷ୍ମୀନାରାୟଣ ପ୍ରଧାନ, ଦେବରାଜ ବେହେରା, ଅଜିତ ତ୍ରିପାଠୀ, ଶାନ୍ତନୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଜମିକୁ ନେଇ ସବର୍ଣ୍ଣ–ଅସବର୍ଣ୍ଣ ଖଣ୍ଡଯୁଦ୍ଧ

**ପରଜଙ୍ଗ, ୧୧।୧୦(ଡି.ଏନ.ଏ.)**

ସରକାରୀ ଜମି ବିବାଦକୁ ନେଇ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଶୀପୁର ଗ୍ରାମରେ ସବର୍ଣ୍ଣ–ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ଖଣ୍ଡଯୁଦ୍ଧ ହୋଇଛି। ବୋମା ଏବଂ ଢେଲା ମାଡ଼ରେ ଜଣେ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

ସୂଚନାଯୋଗ୍ୟ, ଗ୍ରାମର ଏକ ସରକାରୀ ଜମିରେ ଗଦାଧର ସ୍ୱାଇଁ ଘର କରି ରହି ଆସୁଛନ୍ତି। ମଙ୍ଗଳବାର ସକାଳେ ସେ ଘର ଚାରିପଟେ ଲଗାଇଥିବା ଗଛରେ ତାରବାଡ଼ ବାନ୍ଧୁଥିଲେ। ଏହାକୁ ଦଳିତ ସାହିର କେତେଜଣ ବ୍ୟକ୍ତି ବିରୋଧ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ବଢ଼ିବା ସହ ଗଣ୍ଡଗୋଳ ଭୟଙ୍କର ରୂପ ନେଇଥିଲା। ଧସ୍ତାଧସ୍ତି ମଧ୍ୟରେ କେହିଜଣେ ବୋମା ମାଡ଼ କରିବାରୁ କେତୁ ନାଏକ ନାମକ ଜଣେ ବ୍ୟକ୍ତିଙ୍କ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସୂଚନା ପାଇ ପରଜଙ୍ଗ ପୋଲିସ ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ବୋମା ମାଡ଼ ଘଟଣାର ଅନୁଧ୍ୟାନ କରାଯାଉଛି ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।




# ପୃଥକ୍ ପୂଜା କରୁଥିବା ଅନୁଷ୍ଠାନକୁ ରୋକାଯାଉ


ଖବରଦାତା ସମ୍ମିଳନୀରେ ସଭାପତିଙ୍କ ସମେତ ଅନ୍ୟମାନେ।

## କଲେଜ ବଜାର ପୂଜା କମିଟିର ଦାବି

**ଢେଙ୍କାନାଳ ଅଫିସ, ୧୧।୧୦:** ମିଳିତ ବଜାର ପୂଜା କମିଟି ନିର୍ଦ୍ଦେଶକୁ ଅବମାନନା କରି ପୃଥକ୍ ପୂଜା ଆୟୋଜନ କରୁଥିବା ଏକ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଢେଙ୍କାନାଳ କଲେଜ ବଜାରସ୍ଥିତ ମା’ ସୁନ୍ଦରଶୁଣି ଆସ୍ଥାନ ପୂଜା କମିଟି ସଭାପତି ସୁରେନ୍ଦ୍ର ମିଶ୍ର। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସେ ଏ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି।

କଲେଜ ବଜାର ଅଞ୍ଚଳରେ ସରକାରୀ ଜମିରେ ରହୁଥିବା ଏବଂ କେତେଜଣ ଭଡ଼ାଟିଆ ପରମ୍ପରା ଭାଙ୍ଗି ଅଲଗା ପୂଜା କରୁଥିବାରୁ ବିବାଦ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଗତଦିନରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା। ଜାତୀୟ ରାଜପଥ ପାର୍ଶ୍ୱରେ ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ପୂଜା ଆୟୋଜନ କରାଯାଉଥିବାରୁ ଏହାକୁ ବାରଣ କରାଯାଇଥିଲା। ଯଦି ସେମାନେ ପୂଜା କରିବେ, ତା’ ହାଲେ ଜାତୀୟ ରାଜପଥଠାରୁ ୭୦ମିଟର ଦୂର କୌଣସି ବ୍ୟକ୍ତିଗତ ସ୍ଥାନରେ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପୂଜା କରିବାକୁ ଅନୁମତି ଦିଆଯାଇଥିଲା। ମିଳିତବଜାର ପୂଜା କମିଟିର ନିଷ୍ପତ୍ତିକୁ ମଧ୍ୟ ସେମାନେ ମାନୁନାହାନ୍ତି। ଉକ୍ତ ଅନୁଷ୍ଠାନ ଯଦି ଜାତୀୟ ରାଜପଥ କଡ଼ରେ ପୂଜା ଜାରି ରଖିବେ ତା’ ହେଲେ ତୀବ୍ର ପ୍ରତିବାଦ କରାଯିବ। କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ପ୍ରଶାସନ ଦାୟୀ ରହିବ ବୋଲି ସଭାପତି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବାଦଲ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।




# ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୧୧।୧୦**

ଅନ୍ତର୍ଜାତୀୟ ଫୁଟବଲ୍ ମହାସଂଘ (ଫିଫା) ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ଷ୍ଟାଡିୟମ୍ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ୪ଟି ଦଳ ଭାଗନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଭୁବନ ୨–୦ ଗୋଲ୍‌ରେ ଗଁଦିଆକୁ, ଦ୍ୱିତୀୟ ମ୍ୟାଚ୍‌ରେ କାମାକ୍ଷାନଗର ୩–୦ ଗୋଲ୍‌ରେ ହିନ୍ଦୋଳକୁ ଏବଂ ତୃତୀୟ ମ୍ୟାଚ୍‌ରେ ଭୁବନ ୬–୦ ଗୋଲ୍‌ରେ ହିନ୍ଦୋଳକୁ ପରାସ୍ତ କରିଛି।

ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଏମ୍‌ପି ମହେଶ ସାହୁ ଏହାକୁ ଉଦ୍‌ଘାଟନ କରି ଶୃଙ୍ଖଳିତ ଓ ସାମୂହିକ ଭାବେ କ୍ରୀଡ଼ାକୁ ଆଗକୁ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରକାଶ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ।


ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ଓ ଖେଳାଳିମାନେ।

# ଦକ୍ଷତାକୁ ମିଳିବ ନୂଆ ଦିଶା

**ଅନୁଗୋଳ ଅଫିସ, ୧୧।୧୦**

- ‘ଫୁଟ୍‌ବଲ୍ ଫର୍ ଅଲ୍’ କାର୍ଯ୍ୟକ୍ରମକୁ ଅନୁଗୋଳରେ ସ୍ୱାଗତ
- ମଜଭୁତ ହେବ ବିଦ୍ୟାଳୟ କ୍ରୀଡ଼ା ଭିତ୍ତିଭୂମି
- ନୂଆ ବଲ୍ ପାଇବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ



ବଳିଷ୍ଠ ହେବ ବିଦ୍ୟାଳୟ କ୍ରୀଡ଼ା ଭିତ୍ତିଭୂମି। ପିଲାଙ୍କ ଖେଳ ଦକ୍ଷତାକୁ ମିଳିବ ନୂଆ ଦିଶା। ଫିଫା ସହଯୋଗରେ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ‘ଫୁଟ୍‌ବଲ୍ ଫର୍ ଅଲ୍’ କାର୍ଯ୍ୟକ୍ରମ ପ୍ରତିଭାବାନ ଶିକ୍ଷାର୍ଥୀଙ୍କ କ୍ରୀଡ଼ା କ୍ୟାରିୟରକୁ ଦେବ ମହତ୍ତ୍ୱପୂର୍ଣ୍ଣ ମୋଡ଼। ସ୍କୁଲସ୍ତରରୁ ଫୁଟ୍‌ବଲ୍‌ରେ ନୂଆ ପ୍ରତିଭା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହୋଇଥିବାରୁ ଏହାକୁ ନେଇ ଅନୁଗୋଳ ଜିଲାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଦେଖାଦେଇଛି ପ୍ରବଳ ଉତ୍ସାହ। ଜିଲାର ଛାତ୍ରୀଛାତ୍ରମାନେ ଫୁଟ୍‌ବଲ୍ ଫର୍ ଅଲ୍‌କୁ ସ୍ୱାଗତ କରିବା ସହ ଖୁସିବ୍ୟକ୍ତ କରିଛନ୍ତି। ବିଶ୍ୱରେ ସର୍ବାଧିକ ଲୋକପ୍ରିୟତା ହାସଲ କରିଥିବା ଏହି କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିବାରୁ ଜିଲାର କ୍ରୀଡ଼ାପ୍ରେମୀ ଓ ପୂର୍ବତନ ଫୁଟ୍‌ବଲ୍ ଖେଳାଳିମାନେ ଏହାକୁ ଏକ ଅଭିନବ ଅଭିଯାନ ବୋଲି ଅଭିହିତ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ କହିଛନ୍ତି, ଅନୁଗୋଳ ଜିଲାର ୨୪୮ ବିଦ୍ୟାଳୟରେ ଫୁଟ୍‌ବଲ୍ ବଣ୍ଟନ କରାଯାଇସାରିଛି। ଗ୍ରାମାଞ୍ଚଳରେ ଥିବା କ୍ରୀଡ଼ା ପ୍ରତିଭାଧାରୀ ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ଏହି କାର୍ଯ୍ୟକ୍ରମ ଏକ ପ୍ରକୃଷ୍ଟ ମାଧ୍ୟମ ହେବ। କ୍ରୀଡ଼ାର ଉନ୍ନତି ସହ ଜିଲାରୁ ଅନେକ ପ୍ରତିଭା ବାହାରିପାରିବେ। ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଷ୍ଟାଡିୟମରେ ହେବାକୁ ଥିବା ୧୭ ବର୍ଷରୁ କମ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟରେ ୮ଟି ବ୍ଲକରୁ ୬ଟି ମହିଳା ଦଳ ଓ ୮ଟି ପୁରୁଷ ଦଳ ଭାଗନେବେ। ଏଥିରେ ଜିଲାରୁ ୨୨୪ ଜଣ ଖେଳାଳି ଅଂଶଗ୍ରହଣ କରିବେ। ତେବେ ଫୁଟ୍‌ବଲ୍ ଫର୍ ଅଲ୍ କାର୍ଯ୍ୟକ୍ରମ ଚାଲୁ ହୋଇଥିବାରୁ ଆଗାମୀ ଦିନରେ ଜିଲା ଫୁଟ୍‌ବଲ୍‌କୁ ଆହୁରି ବଳ ମିଳିବ ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

### ସ୍କୁଲରୁ ଜିଲାସ୍ତରଯାଏ ପ୍ରତିଯୋଗିତା କରାଯାଉ



କେବଳ ଫୁଟ୍‌ବଲ୍ ନୁହେଁ, ବିଭିନ୍ନ ଖେଳ ଉପକରଣ ପ୍ରଦାନ ସହ ପିଲାଙ୍କୁ ତାଲିମ ଦେବାର ବ୍ୟବସ୍ଥା ହେଉ। ବିଦ୍ୟାଳୟସ୍ତରରୁ ଜିଲାସ୍ତର ଯାଏ ପ୍ରତିଯୋଗିତା କରାଯାଇ ପ୍ରତିଭା ଚୟନ କରାଗଲେ ଖେଳ ପ୍ରତି ଛାତ୍ରୀଛାତ୍ରଙ୍କ ସ୍ପୃହା ବଢ଼ିପାରିବ।

-ସୌରଭ ସେନାପତି, ୯ମ ଶ୍ରେଣୀ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ

### ଫୁଟ୍‌ବଲ୍ ପ୍ରତି ପିଲା ଆଗ୍ରହୀ ହେବେ



ଫୁଟ୍‌ବଲ୍‌ରେ ଅଧିକ ପ୍ରତିଭା ସୃଷ୍ଟି ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ‘ଫୁଟ୍‌ବଲ୍ ଫର୍ ଅଲ୍’ କାର୍ଯ୍ୟକ୍ରମ ଏହି ଖେଳ ପ୍ରତି ପିଲାଙ୍କୁ ଅଧିକ ଆଗ୍ରହୀ କରାଇବ। ଦକ୍ଷତା ଅନୁଯାୟୀ ଚୟନ ଓ ଉପଯୁକ୍ତ ତାଲିମ ମିଳିଲେ ଏହା ସଫଳ ହୋଇପାରିବ।

-ତୁନା ବେହେରା, ଦଶମ ଶ୍ରେଣୀ, ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟ, କଣିହାଁ

### ନୂଆ ବଲ୍ ପାଇ ଖୁସି



ଆମ ସ୍କୁଲକୁ ଫୁଟ୍‌ବଲ୍ ମିଳିସାରିଛି। ନୂଆ ଫୁଟ୍‌ବଲ୍ ପାଇ ଆମେମାନେ ବହୁତ ଖୁସି। ଏହାଦ୍ୱାରା ଏହି ଖେଳରୁ ଦୂରେଇ ଯାଉଥିବା ଛାତ୍ରୀଛାତ୍ରମାନେ ପୁଣି ଫୁଟ୍‌ବଲ୍ ଖେଳିବାକୁ ମନ ବଳାଇବେ।

-ଚିନ୍ମୟ ରଞ୍ଜନ ନାଏକ, ନବମ ଶ୍ରେଣୀ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଆଠମଲ୍ଲିକ

### ଖେଳିବାକୁ ଉତ୍ସାହୀ ଅଛୁ



ରାଜ୍ୟ ସରକାରଙ୍କ ପକ୍ଷରୁ ଫୁଟ୍‌ବଲ୍ ମିଳିଥିବାରୁ ଏହା ପିଲାମାନଙ୍କୁ ଖେଳ ପ୍ରତି ଅଧିକ ଉତ୍ସାହିତ କରିବ। ଅଧିକରୁ ଅଧିକ ପ୍ରତିଯୋଗିତା ମଧ ଦେଖିବାକୁ ମିଳିବ। ନୂଆ ବଲ୍‌ରେ ଖେଳିବାକୁ ଆମେ ଉତ୍ସାହିତ ଅଛୁ।

-ଏଲିନା ବେହେରା, ନବମ ଶ୍ରେଣୀ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଆଠମଲ୍ଲିକ

### ଖେଳର ପ୍ରଚାର ପ୍ରସାର ହେବ



ଫୁଟ୍‌ବଲ୍ ଖେଳକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ନୂଆ କାର୍ଯ୍ୟକ୍ରମ ସହାୟକ ହେବ। ଏହି ଖେଳର ଅଧିକ ପ୍ରଚାର ପ୍ରସାର ମଧ ହେବ। ପୂର୍ବାପେକ୍ଷା ବହୁ ଛାତ୍ରୀଛାତ୍ର ଫୁଟ୍‌ବଲ୍ ଖେଳିବାକୁ ଇଚ୍ଛା ପ୍ରକାଶ କରିବେ।

-ମିଳନ ବେହେରାମାଳି, ନବମ ଶ୍ରେଣୀ, ପୁରୁଣାମାଣତ୍ରୀ ହାଇସ୍କୁଲ, ଆଠମଲ୍ଲିକ

### ଶିକ୍ଷା ସହ ଖେଳ ଜରୁରୀ



ଫୁଟ୍‌ବଲ୍ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଖେଳ। ରାଜ୍ୟରେ ଏହାର ବିକାଶ ଲାଗି ସରକାର ନେଇଥିବା ପଦକ୍ଷେପ ଏହି କ୍ରୀଡ଼ା ପ୍ରତି ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଅଧିକ ବିକଶିତ କରିବ। ଶିକ୍ଷା ପରି ଖେଳ ମଧ ଜରୁରୀ।

-ବିମଳା ଦଙ୍ଗ, ନବମ ଶ୍ରେଣୀ ଛାତ୍ରୀ ତଥା ଫୁଟ୍‌ବଲ୍ ଖେଳାଳି

### ଶୃଙ୍ଖଳା ଶିଖାଏ କ୍ରୀଡ଼ା



କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶରେ ସହାୟକ ହେବା ସହ ଏହା ସେମାନଙ୍କୁ ଶୃଙ୍ଖଳିତ ହେବାକୁ ଶିକ୍ଷା ଦେଇଥାଏ। ତେଣୁ ଶୃଙ୍ଖଳା ଜ୍ଞାନ ବୃଦ୍ଧି ପାଇଁ ‘ଫୁଟ୍‌ବଲ୍ ଫର ଅଲ୍’ ପ୍ରେରଣାଦାୟୀ ହେବ।

- ସାବିତ୍ରୀ ନାୟକ, ଦଶମ ଶ୍ରେଣୀ ଛାତ୍ରୀ ତଥା ଫୁଟ୍‌ବଲ୍ ଖେଳାଳି

### ସମ୍ପର୍କକୁ ମଜଭୁତ କରିବ



ରାଜ୍ୟ ସରକାର ଆରମ୍ଭ କରିଥିବା ନୂଆ କାର୍ଯ୍ୟକ୍ରମ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୁତ କରିବ। ଅଧିକ ଛାତ୍ରୀଛାତ୍ର ଏଥିରେ ସାମିଲ ହେଲେ ସେମାନଙ୍କ ମଧ୍ୟରେ ଭାଇଚାରା ଓ ସମ୍ପର୍କ ସୁଦୃଢ଼ ହେବ। ଏକ ପରିବାର ଭଳି ସେମାନେ ଅନୁଭବ କରିବେ।

-ଲକ୍ଷ୍ମୀ ପିଙ୍ଗୁଆ, ଦଶମ ଶ୍ରେଣୀ ଛାତ୍ରୀ ତଥା ଫୁଟ୍‌ବଲ୍ ଖେଳାଳି

### ମହିଳା ଟିମ୍‌ର ଦକ୍ଷତା ବୃଦ୍ଧି ପାଇବ



ଫୁଟ୍‌ବଲ୍ ଖେଳ ପ୍ରତି ସ୍କୁଲ ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ଦିଗରେ ସରକାରଙ୍କ ଏହି ଉଦ୍ୟମ ସଫଳ ହେଲେ ରାଜ୍ୟ ଓ ଜାତୀୟ ମହିଳା ଫୁଟ୍‌ବଲ୍ ଦଳକୁ ଅଧିକ ଦକ୍ଷ ଖେଳାଳି ମିଳିପାରିବେ। ଫଳରେ ଟିମ୍‌ର ଦକ୍ଷତା ବୃଦ୍ଧି ପାଇବ।

- ସରସ୍ୱତୀ ଗାଗରାଇ, ଦଶମ ଶ୍ରେଣୀ ଛାତ୍ରୀ ତଥା ଫୁଟ୍‌ବଲ୍ ଖେଳାଳି

### କ୍ରିକେଟ ଭଳି ଆକର୍ଷଣ ବଢ଼ିବ



ରାଜ୍ୟରେ କ୍ରିକେଟ୍ ଅଧିକ ପ୍ରାଧାନ୍ୟ ବିସ୍ତାର କରିଥିବାରୁ ଫୁଟ୍‌ବଲ୍‌କୁ ଛାତ୍ରୀଛାତ୍ରମାନେ ଗୁରୁତ୍ୱ ଦେଉ ନ ଥିଲେ। ହେଲେ ସରକାରଙ୍କ ଏହି ଅଭିନବ କାର୍ଯ୍ୟକ୍ରମ ଯୋଗୁ ଫୁଟ୍‌ବଲ୍ ପ୍ରତି ଏବେ ଆକର୍ଷଣ ବଢ଼ିବ।

- ଦିବ୍ୟଜ୍ୟୋତି ପ୍ରଧାନ, ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗର

### ଅଧିକ ପ୍ରୋତ୍ସାହନ ମିଳିବ



ରାଜ୍ୟ ସରକାରଙ୍କ ‘ଫୁଟ୍‌ବଲ୍ ଫର୍ ଅଲ୍’ କାର୍ଯ୍ୟକ୍ରମ ଏକ ସୁନ୍ଦର ପରିକଳ୍ପନା। ଏହାଦ୍ୱାରା ରାଜ୍ୟରେ ଫୁଟବଲ ଖେଳର ବିକାଶ ହୋଇପାରିବ। ଏଥିସହ ଶିକ୍ଷାନୁଷ୍ଠାନରେ ଥିବା ପ୍ରତିଭାବାନ ଖେଳାଳିମାନଙ୍କୁ ଅଧିକ ପ୍ରୋତ୍ସାହନ ମିଳିବ।

-ପ୍ରଗତି ପାଣିଗ୍ରାହୀ, ନବମ ଶ୍ରେଣୀ ଛାତ୍ରୀ, ତାଳଚେର ଯୁବରାଜ ଉଚ୍ଚ ବିଦ୍ୟାଳୟ

### କ୍ରୀଡ଼ା ମନସ୍କ ହେବେ ଛାତ୍ରୀଛାତ୍ର



ସ୍କୁଲ ପିଲାଙ୍କୁ କ୍ରୀଡ଼ା ମନସ୍କ କରିବାରେ ରାଜ୍ୟ ସରକାରଙ୍କ ନୂଆ କାର୍ଯ୍ୟକ୍ରମ ଅନେକାଂଶରେ ସହାୟକ ହେବ। ବିଦ୍ୟାଳୟଗୁଡ଼ିକୁ ପୂର୍ବାପେକ୍ଷା ଉଚ୍ଚମାନର ଫୁଟ୍‌ବଲ୍ ପ୍ରଦାନ କରାଯାଇଥିବାରୁ ଏଥିପାଇଁ ଧନ୍ୟବାଦ।

-ଦିବ୍ୟରଞ୍ଜନ ବେହେରା, ନବମ ଶ୍ରେଣୀ ଛାତ୍ର, ତାଳଚେର ଯୁବରାଜ ଉଚ୍ଚ ବିଦ୍ୟାଳୟ

### ବହୁ ପ୍ରତିଭା ଚିହ୍ନଟ ହେବେ



ଫୁଟ୍‌ବଲ୍ ଖେଳକୁ ରାଜ୍ୟରେ ଆହୁରି ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ନିଶ୍ଚିତ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଅନୁଗୋଳ ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ବହୁ ପ୍ରତିଭା ଚିହ୍ନଟ ହୋଇପାରିବେ।

-ବସନ୍ତ କୁମାର ଦାସ, ପୂର୍ବତନ ଫୁଟ୍‌ବଲ୍ ଖେଳାଳି, ଅନୁଗୋଳ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

dklselfie@gmail.com



@ ଦିବ୍ୟ ରଞ୍ଜନ



@ ଲିଟୁନା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

**ଅନୁଗୋଳ ଅଫିସ, ୧୧।୧୦**

ଅନୁଗୋଳ ସହରରେ ଲକ୍ଷ୍ମୀ ପୂଜା ପାଇଁ ପ୍ରବଳ ଗହଳି ଜମୁଛି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ବାସୀ ଖାଦ୍ୟ ସହ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରି ଗ୍ରହକଙ୍କୁ ବଢ଼ାଇ ଦେଉଛନ୍ତି। ଏହା ଜଣାପଡ଼ିବା ପରେ ମଙ୍ଗଳବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଦଶହରା ପଡ଼ିଆରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବାସୀ ଖାଦ୍ୟ ସହ ଖାଦ୍ୟରେ ଅପମିଶ୍ରଣ, ରଙ୍ଗ, ଅପରିଷ୍କାର ତେଲ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଥିଲା। ଏନେଇ ୩ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା। ଏହାର ପୁନରାବୃତ୍ତି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଅନୁଗୋଳ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଜନସ୍ୱାସ୍ଥ୍ୟ) ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ।

## ବ୍ୟବସାୟୀଙ୍କୁ ୮୦ ହଜାର ଠକେଇ

ଅନୁଗୋଳ ଅଫିସ, ୧୧।୧୦- ଅନୁଗୋଳ ସହରରେ ବ୍ୟବସାୟ କରୁଥିବା ସେକ୍ ରଞ୍ଜନ ମହମ୍ମଦ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ନଂ. ୩୦/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ମାନସ ମହାକୁଲ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୫ ତାରିଖରେ ସେକ୍ ରଞ୍ଜନଙ୍କ ଫେସ୍‌ବୁକ୍ ମେସେଞ୍ଜରରେ ଏକ ମେସେଜ୍ ଆସିଥିଲା। ଏଥିରେ ତାଙ୍କ ଭଜଣାଙ୍କ ଝିଅ ଦେହ ଖରାପ ଥିବାରୁ ତାଙ୍କୁ ୮୦ ହଜାର ଟଙ୍କା ଆବଶ୍ୟକ ବୋଲି ଉଲ୍ଲେଖ ଥିଲା। ନାତୁଣୀଙ୍କ ଦେହ ଖରାପ କଥା ଶୁଣିବା ପରେ ସେ ତୁରନ୍ତ ସେଥିରେ ଆସିଥିବା ଆକାଉଣ୍ଟ ନମ୍ବରରେ ଟଙ୍କା ପୈଠ କରିଥିଲେ। ଏହାପରେ ସାଇଦି ଆରବରେ ରହୁଥିବା ତାଙ୍କ ଭଣଜାଙ୍କ ସହ ଫୋନ୍ କରି ନାତୁଣୀ ଦେହ କିଭଳି ଅଛି ପଚାରିବାରୁ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସେକ୍ ରଞ୍ଜନଙ୍କ ଭଣଜାଙ୍କ ନାମରେ କେହି ଫେକ୍ ଆକାଉଣ୍ଟ ଖୋଲି ଟଙ୍କା ଚଲୁ କରିଥିବ ଜଣାପଡ଼ିଥିଲା। ଏହାପରେ ସେ ସାଇବର ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଥିବା ଜଣାପଡ଼ିଛି।

## ୩୮୮ ଭିନ୍ନକ୍ଷମ ଚିହ୍ନଟ



 କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କଣିହାଁ,୧୧।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିପିଓ ରଶ୍ମିରେଖା ନାୟକ, ବିଏସ୍ଏସ୍‌ଓ ସୁହାସିନି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର ଡାକ୍ତର ଜ୍ଞାନରଞ୍ଜନ ବିଶ୍ୱାଳ, ଦୀପକ ଗଡ଼ନାୟକ, ପରମେଶ୍ୱର ଜେନା, ନିରୋଦ ସାହୁ ଯୋଗଦେଇ ଅସ୍ଥିଶଲ୍ୟ ବିଭାଗରେ ୧୭୪, ଭେଷଜ ୬୭, ନାଶା, ଗଳା, କର୍ଣ୍ଣ ବିଭାଗରେ ୭୩, ଚକ୍ଷୁ ବିଭାଗରେ ୪୦, ଶିଶୁ ବିଭାଗରେ ୧୧, କୃତ୍ରିମ ଅଙ୍ଗରୋପଣ ବିଭାଗରେ ୧୨ ଏବଂ ଅନ୍ୟାନ୍ୟ ଭିନ୍ନକ୍ଷମ ସମସ୍ୟାକୁ ନେଇ ୧୧ ଜଣଙ୍କୁ ପରୀକ୍ଷା କରିଥିଲେ। ଶିବିରରେ ମୋଟ୍ ୩୮୮ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ଏହି ଅବସରରେ ୪ ଜଣଙ୍କୁ ଟ୍ରାଇ ସାଇକେଲ, ୪ ଜଣଙ୍କୁ ହୁଇଲ ଚେୟାର ଓ ୩ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।

## ଚୋରା ମଦ କାରବାର ବୃଦ୍ଧି

**ବଇଣ୍ଡା,୧୧।୧୦(ଡି.ଏନ.ଏ.)**

କିଶୋରନଗର ଥାନା ଖଇରମୁଣ୍ଡା, ଆମ୍ବପାଳ, ବାମୁର, କିଶୋରନଗର, ହିମିତିରା, ଧଉରପାଳ, ଅଙ୍ଗପଡା ଆଦି ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ତେବେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଖଇରମୁଣ୍ଡା ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଚୋରା ବ୍ୟବସାୟୀମାନେ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତକରି ଏଭଳି ବ୍ୟବସାୟ ଚଳାଇଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଛି। ତୁରନ୍ତ ଏଥିପ୍ରତି ଜିଲା ଅବକାରୀ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ନିରୀକ୍ଷକ ଅନିତା ଓଝା କହିଛନ୍ତି, ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ଖୁବ୍‌ଶୀଘ୍ର ଚୋରା ବ୍ୟବସାୟୀମାନଙ୍କୁ ଗିରଫ କରାଯିବ।

## ତହସିଲ କାର୍ଯ୍ୟାଳୟ ଘେରାଉ

**କଣିହାଁ,୧୧।୧୦(ଡି.ଏନ.ଏ.)**




ତହସିଲ ଅଫିସ ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅନୁଗୋଳ ଜିଲାର ଜଣେ ବରିଷ୍ଠ ରାଜନେତାଙ୍କ ଭାଇମାନଙ୍କୁ ବେଆଇନ ଲିଜ୍ ଓ ପଟ୍ଟା ପ୍ରଦାନକୁ ବିରୋଧ କରି ମଙ୍ଗଳବାର ହନୁମାନପୁର ଗ୍ରାମବାସୀ କଣିହାଁ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହିତ ଉକ୍ତ ପଟ୍ଟାକୁ ଖାରଜ କରିବା ପାଇଁ ଦାବି କରିଥିଲେ। ଖବରପାଇ ତହସିଲ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଛି।

ଗ୍ରାମ ପରିଚାଳନା କମିଟି ସଭାପତି ହେମନ୍ତ ବିଶ୍ୱାଳ, ଜିତୁନ୍ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି, ଗ୍ରାମ ସଂରକ୍ଷିତ ଜାଗାକୁ ଗ୍ରାମବାସୀଙ୍କ ବିନା ଅନୁମତିରେ ଓ ଆଲୋଚନା ନ କରି ତହସିଲଦାର ପତିତପାବନ ଦେବତା ସମ୍ପୃକ୍ତ ରାଜନେତାଙ୍କ ଭାଇମାନଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି। ବୁଢ଼ି ଅଞ୍ଚଳବାସୀଙ୍କୁ ଜାଗା ମିଳୁ ନ ଥିବାବେଳେ ହନୁମାନପୁର ଅଞ୍ଚଳରେ ଥିବା ଏକ ଏକର ଜାଗା ବେଆଇନ ଭାବେ ରାଜନେତାଙ୍କ ଭାଇମାନଙ୍କୁ ପ୍ରଦାନ କରାଯିବା ତଦନ୍ତ ସାପେକ୍ଷ। ଏ ନେଇ କଣିହାଁ ତହସିଲଦାର ପତିତପାବନ ଦେବତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ମତାମତ ମିଳିପାରିନାହିଁ। ହନୁମାନପୁର ସରପଞ୍ଚ ବିନୟ ପ୍ରଧାନ କହିଛନ୍ତି, କଣିହାଁ ତହସିଲଦାର ପ୍ରଥମେ ଭୂମିହୀନମାନଙ୍କୁ ବାସଗୃହ ପାଇଁ ସରକାରୀ ନିୟମ ଅନୁଯାୟୀ ଜାଗା ଦିଅନ୍ତୁ। ଅବହେଳିତମାନଙ୍କୁ ଯୋଜନାରେ ସାମିଲ କରନ୍ତୁ।

## ଡାକ ବିଭାଗ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଗିରଫ

**ଅନୁଗୋଳ ଅଫିସ, ୧୧।୧୦**



ଡାକ ବିଭାଗ କାର୍ଯ୍ୟାଳୟରେ ସିବିଆଇ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ଅନୁଗୋଳ ପୂର୍ବ ଉପଖଣ୍ଡ ଡାକ ବିଭାଗର ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଟିକନ କୁମାର ଦେବତା ମଙ୍ଗଳବାର ସିବିଆଇ ଜାଲରେ ପଡ଼ିଛନ୍ତି। ଜଣେ ନବ ନିଯୁକ୍ତ କର୍ମଚାରୀଙ୍କୁ ପୋଷ୍ଟିଂ ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ତାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ କାର୍ଯ୍ୟାଳୟ, ଅମଳାପଡ଼ା ଓ ପ୍ରଗତିନଗରସ୍ଥିତ ବାସଭବନରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ସିବିଆଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ଡାକ ବିଭାଗରେ କାର୍ଯ୍ୟରତ କୁରୁଡୁଲୁର ସଞ୍ଜୟ କୁମାର ପ୍ରଧାନଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଶୁଭ୍ରାଂଶୁ ପ୍ରଧାନଙ୍କୁ ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଭାବେ ନିଯୁକ୍ତି ମିଳିଥିଲା। ହେଲେ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଦେବତା ନବନିଯୁକ୍ତ ଜିଡିଏସ୍ ଶୁଭ୍ରାଂଶୁଙ୍କୁ କାର୍ଯ୍ୟରେ ଯୋଗଦାନ କରାଇ ଦେଉ ନ ଥିଲେ। ୪୦ ହଜାର ଟଙ୍କା ନ ଦେଲେ କେଉଁ ସ୍ଥାନରେ ପୋଷ୍ଟିଂ ଦିଆଯିବ ନାହିଁ ବୋଲି କହିଥିଲେ। ଏ ନେଇ ଶୁଭ୍ରାଂଶୁ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶୁଭ୍ରାଂଶୁ ୧୦ ହଜାର ଟଙ୍କା ଅଗ୍ରିମ ଓ ଜଏନ୍ ପରେ ବାକି ୩୦ ହଜାର ଟଙ୍କା ଦେବାକୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କହିଥିଲେ। ଏପରି କି ଅପରାହ୍ନରେ ୧୦ ହଜାର ଟଙ୍କା ଦେବା ସମୟରେ ଅପେକ୍ଷା କରିଥିବା ସିବିଆଇ କର୍ମଚାରୀମାନେ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମାଡ଼ି ବସିଥିଲେ। ଭୁବନେଶ୍ୱରରୁ ଆସିଥିବା ସିବିଆଇ ଟିମ୍‌ର ନେତୃତ୍ୱ ପ୍ରଫୁଲ୍ଲ କୁମାର ମିଶ୍ର ନେଇଥିବାବେଳେ ପ୍ରକାଶ ସାହୁ, ଜ୍ୟୋତି ରଞ୍ଜନ ବାରିକ ପ୍ରମୁଖଙ୍କ ସହ ମୋଟ ୯ ଜଣ ସଦସ୍ୟ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଦେବତାଙ୍କ ନିକଟରୁ ୧୦ ହଜାର ଟଙ୍କା ଜବତ କରିଥଲେ। ପରେ ତାଙ୍କ ଅମଳାପଡ଼ା ଓ ପ୍ରଗତିନଗରସ୍ଥିତ ବାସଭବନରେ ଚଢ଼ାଉ କରାଯାଇଥିବା ସିବିଆଇ ଅଧିକାରୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

### ଲାଞ୍ଚ ନେବା ଅଭିଯୋଗରେ ଧରିଲା ସିବିଆଇ

## ଶିକ୍ଷକ ନିଯୁକ୍ତି ଦାବିରେ ଗଣବିକ୍ଷୋଭ

**ଅନୁଗୋଳ ଅଫିସ, ୧୧।୧୦**




ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଅନୁଗୋଳ ବ୍ଲକ ସାନକନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ସହ ନିୟମିତ ଶିକ୍ଷାଦାନ ଏବଂ ବନ୍ଦ ପଡିଥିବା ସ୍କୁଲକୁ ତୁରନ୍ତ ଖୋଲାଯାଇ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନ ଭୋଜନ, ପାଠ୍ୟପୁସ୍ତକ, ସ୍କୁଲ ପୋଷାକ ପ୍ରଦାନ ଦାବିରେ ମଙ୍ଗଳବାର ପଞ୍ଚପଡା ଶିକ୍ଷା ବଞ୍ଚାଅ କମିଟି ନେତୃତ୍ୱରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାନକନୀ, ବଡକନୀ, ନୂଆପଡା, ସଟରାଙ୍ଗ, ସାରଙ୍ଗପୁର ଗ୍ରାମବାସୀ ମିଳିତଭାବେ ଏହି ବିକ୍ଷୋଭ କରିଥିଲେ।

ସ୍କୁଲର ଛାତ୍ରୀଛାତ୍ରମାନଙ୍କ ସହିତ ୭ଶହରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ସ୍ଥାନୀୟ ଷ୍ଟାଡିୟମ୍ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଶିକ୍ଷା ବଞ୍ଚାଅ କମିଟିର ଜିଲା ସଂଗଠକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ପଞ୍ଚପଡା ଶିକ୍ଷା ବଞ୍ଚାଅ କମିଟି ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ଦୁର୍ଗାଚରଣ ପ୍ରଧାନ, ପଙ୍କଜିନୀ ପ୍ରଧାନ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ଏଆଇଡିଏସ୍‌ଓ ଜିଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ଯୁବ ସଙ୍ଗଠିକା ଜ୍ୟୋତ୍ସ୍ନା ସାମଲ ପ୍ରମୁଖ ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନର ଶିକ୍ଷା ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ସାନକନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୬ ମାସ ହେଲା କୌଣସି ଶିକ୍ଷକ ନ ଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ଜିଲା ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ପରେ ଏକ ପ୍ରତିନିଧିମଣ୍ଡଳୀ ଉପଜିଲାପାଳଙ୍କ ଉପସ୍ଥିତିରେ ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ୧୦ରୁ ୧୫ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ସାନକନୀ ଗ୍ରାମର ବସନ୍ତ ବେହେରା, କ୍ଷୀରୋଦ ପ୍ରଧାନ, ବୁଦ୍ଧଦେବ ବେହେରା, ଅକ୍ଷୟ ପ୍ରଧାନ, ବଡକନୀ ଗ୍ରାମର ମିହିର ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ରାଉତ, ରଞ୍ଜନ ଦାସ, ନୂଆପଡା ଗ୍ରାମର ପ୍ରତାପ ବିଶ୍ୱାଳ, ଗୋପାଳ ବିଶ୍ୱାଳ, ଧରଣୀଧର ପ୍ରଧାନ, ବିଷ୍ଣୁଚରଣ ପ୍ରଧାନ, ଲିଙ୍ଗରାଜ ବିଶ୍ୱାଳ, କନ୍ଦର୍ପ ବିଶ୍ୱାଳ, ସଟରାଙ୍ଗ ଗ୍ରାମର ଅକ୍ଷୟ ମିଶ୍ର, ସୁଶାନ୍ତ ମହାପାତ୍ର, ସାରଙ୍ଗପୁର ଗ୍ରାମର ଦିଲୀପ ସାହୁ, କୁନା ସାହୁ, ନୃସିଂହ ସାହୁ, ତ୍ରିନାଥ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

